# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 27 December – 2025

---

# ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏବଂ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ମୁଖ୍ୟଶାସନ ସଚିବଙ୍କ ପଞ୍ଚମ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଗତକାଲିଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ସମ୍ମିଳନୀରେ ରାଷ୍ଟ୍ରର ବିକାଶକୁ ପ୍ରାଧାନ୍ୟଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ଉପରେ ଆଲୋଚନା କରାଯାଉଛି । ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟଶାସନ ସଚିବଙ୍କ ସହ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି ।

---

# ମୁଖ୍ୟମନ୍ତ୍ରୀ

ଓଡ଼ିଶା ୨୦୩୬ ମସିହା ସୁଦ୍ଧା ଦେଶର ୫ଟି ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ସ୍ଥାନ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝରରେ ଗୋନାସିକା-କେନ୍ଦୁଝର ମହୋତ୍ସବକୁ ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର ବିକାଶ ପାଇଁ ୬୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି । ୨୦୨୭ ମସିହା ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସଡ଼କ, ବିଜୁଳି ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ମିଶନ ପାୱାର ଆରମ୍ଭ କରିଛନ୍ତି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଆୟୋଜିତ ହେବାର ୧୧ ମାସ ମଧ୍ୟରେ ରାଜ୍ୟରେ ୨ଲକ୍ଷ ୪୦ ହଜାର

କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

---

## ସି.ଇ.ସି. - ଓଡ଼ିଶା ଗସ୍ତ

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆଜିଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱରରେ ପହଞ୍ଚିବା ପରେ ଶ୍ରୀ କୁମାର ପୁରୀରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ସୋମବାର ଅପରାହ୍ଣରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ବୈଠକରେ ଶ୍ରୀ କୁମାର ଅଧକ୍ଷତା କରିବେ ବୋଲି ଜଣାପଡ଼ିଛି ।

---

## ଧାନ ସଂଗ୍ରହ

ଚଳିତ ଖରିଫ୍‌ଋତୁରେ ରାଜ୍ୟର ୧୨ଟି ଜିଲ୍ଲାରେ ଧାନ ସଂଗ୍ରହ  ଜାରି ରହିଛି । ଏହି କ୍ରମରେ ଆଉ ୪ଟି ଜିଲ୍ଲା ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳର ଚାଷୀମାନଙ୍କୁ ଆଗୁଆ ଟୋକନ ପ୍ରଦାନ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ୧୨ଟି ଜିଲ୍ଲାର ୧ଲକ୍ଷ ୪୧ ହଜାର ୩୮୧ ଜଣ ଚାଷୀଙ୍କଠାରୁ ୬ଲକ୍ଷ ୩୦ ହଜାର ୪୩୮ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟର ସୀମାନ୍ତ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନିୟୋଜିତ କରାଯାଇଛି ।

ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି ସେବାସମବାୟ ସମିତିରେ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି । ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଏବଂ ମାଳିଗୁଡ଼ା ପଞ୍ଚାୟତରେ ମଧ୍ୟ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି ।

## ପ୍ରୋତ୍ସାହନ

କେନ୍ଦ୍ର ସରକାର ଓଡ଼ିଶାରେ ଡିଜିଟାଲ ଫସଲ ସର୍ବେକ୍ଷଣର ସଫଳ କାର୍ଯ୍ୟାନ୍ୱୟ ପାଇଁ ୧୦୦ କୋଟି ଏବଂ କୃଷକ ପଞ୍ଜୀକରଣରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୫୫ କୋଟି ୪୮ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି, କୃଷିକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ସମୃଦ୍ଧ କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ସ୍ୱୀକୃତି ସ୍ୱରୂପ ରାଜ୍ୟକୁ ଏହି ପ୍ରୋତ୍ସାହନ ମିଳିଛି ।

## ଓଡ଼ିଶୀ ନୃତ୍ୟ ମହୋତ୍ସବ

ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଆରମ୍ଭ ହୋଇଛି । ମହୋତ୍ସବକୁ ଉଦ୍‌ଘାଟନ କରି ବିଭାଗୀୟ ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ କହିଛନ୍ତି, ଓଡ଼ିଶାର କଳା, ଭାସ୍କର୍ଯ୍ୟ ଓ ସଂସ୍କୃତିକୁ ବିଶ୍ୱବିଦିତ କରିବା ଦିଗରେ ଓଡ଼ିଶୀ ନୃତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ନୃତ୍ୟ

ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ମନ୍ତ୍ରୀ କହିଛନ୍ତି । ଓଡ଼ିଶୀ ନୃତ୍ୟ ମହୋତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପୁରୀ ସୁରକ୍ଷା ବ୍ୟବସ୍ଥା

ନୂଆବର୍ଷ ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆକଳନ କରାଯାଉଛି । ଏଥିପାଇଁ ସେଣ୍ଟ୍ରାଲ୍ ରେଞ୍ଜ ଡିଆଇଜି ଡକ୍ଟର ସତ୍ୟଜିତ ନାୟକ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ନୂଆବର୍ଷରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଲାଗି ୬୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯିବ ବୋଲି ଜଣାପଡ଼ିଛି ।  ସିସିଟିଭି କ୍ୟାମେରାରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯିବା ସହ ସମୁଦ୍ର କୂଳରେ ଓଡ୍ରାଫ୍ ଏବଂ ଏସ୍‌ଟିଏଫ୍ ୟୁନିଟ୍ ମୁତୟନ କରାଯିବ ।

## ଯୁବ ମହୋତ୍ସବ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ଯୁବ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଛି । ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

## କମାଣ୍ଡୋ ପ୍ରତିଯୋଗିତା

ଭୁବନେଶ୍ୱର ଚନ୍ଦକାଠାରେ ସ୍ପେଶିଆଲ୍ ଅପରେସନ୍ ଗ୍ରୁପ୍ ର ଅଷ୍ଟମ ରାଜ୍ୟ ପୋଲିସ୍ ଆନ୍ତଃ ବାଟାଲିୟନ୍ କମାଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ହୋଇଯାଇଛି । ଏହି ଅବସରରେ କ୍ରାଇମ୍‌ବ୍ରାଞ୍ଚ୍ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଯୋଗଦେଇ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବିଭିନ୍ନ ବାଟାଲିୟନ୍ ଓ କମାଣ୍ଡୋମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍ କଟକ ବିଜୟୀ ଦଳଭାବେ ପୁରସ୍କୃତ ହୋଇଛି ।

---

## ପାଣିପାଗ

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନୁସାରେ, ଗତକାଲି କୋରାପୁଟଠାରେ ସର୍ବନିମ୍ନ ତାପମାତ୍ରା ୪ ଦଶମିକ ୮ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ହେବା ନେଇ କନ୍ଧମାଳ, କୋରାପୁଟ, ନୟାଗଡ଼, ଗଞ୍ଜାମ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

---